# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ,
# ସୋରଡା, ଗଞ୍ଜାମ. ପିନ-୭୬୧୧୦୮

ପତ୍ରସଂଖ୍ୟା 1640 ତା 11.07.25

## ବିଜ୍ଞାପନ

ଏତଦ୍ୱାରା ସୋରଡା ଶିଶୁ ବିକାଶ ପ୍ରକଳ୍ପ ଅଧିନସ୍ଥ ନିମ୍ନଲିଖିତ ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ ଅଙ୍ଗନବାଡି କେନ୍ଦ୍ର ର ସାହାଯ୍ୟ କାରିଣୀ ପଦବୀ ନିମନ୍ତେ online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ନିମ୍ନ କେନ୍ଦ୍ରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସାହାଯ୍ୟ କାରିଣୀ ପଦବୀ ନିମନ୍ତେ ନିମ୍ନଲିଖିତ ଯୋଗ୍ୟତା ଥାଇ ସଂପୃକ୍ତ ଇଚ୍ଛୁକ ପ୍ରାର୍ଥିନୀ ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ର ସକାଶେ, ପ୍ରଦତ୍ତ **http://engagement-awc.odisha.gov.in website ର public user/public log in** ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଏହି ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ହେବାର ୧୫(ପନ୍ଦର) ଦିନ ମଧ୍ୟରେ ଅର୍ଥାତ ତା. ୨୬/୦୭ /୨୦୨୫ ରିଖ ସୁଦ୍ଧା ଆବେଦନ କରିପାରିବେ। **off line** ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା WCD-ICDS-G-MISC-0068 -2024 – 14353 /WCD, ତାରିଖ- 04 .07 .2024 ଅନୁଯାୟୀ ଅଙ୍ଗନୱାଡି ସାହାର୍ଯ୍ୟ କାରିଣୀ ନିୟୋଜନ କରାଯିବ। ଏହି ନିୟୋଜନ ସଂପୂର୍ଣ୍ଣ ଅସ୍ଥାୟୀ ଅଟେ ଏବଂ ଏହି ନିୟୋଜନରେ ORV ଆକ୍ଟ ପ୍ରଯୁଜ୍ୟ ନୁହେଁ । ଯଦି ଭବିଷ୍ୟତରେ ସାହାଯ୍ୟ କାରୀ ଙ୍କ କାର୍ଯ୍ୟ ସନ୍ତୋଷଜନକ ନ ହେଲା ଓଡିଶା ସରକାରଙ୍କ ନିୟମ ମୁତାବକ କାର୍ଯ୍ୟରୁ ଅନ୍ତର କରାଯିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରାପ୍ତ ହୋଇଥିବା

ସମସ୍ତ ଦରଖାସ୍ତ କ୍ରମାନୁସାରେ ତା. ୨୮/୦୭ /୨୦୨୫ ରିଖ ସକାଳ ୧୦ ,୦୦ ଘଟିକା ଠାରୁ ଅପରାହ୍ନ ୩ .୦୦ ଘଟିକା ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ମୂଳ ପ୍ରମାଣ ପତ୍ର ଯାଞ୍ଚ କରାଯିବ ।ଏହି ଯାଞ୍ଚ ସମୟରେ ସମ୍ପୃକ୍ତ ପ୍ରାର୍ଥିନୀ ନିଜର Upload କରିଥିବା ସମସ୍ତ ସାର୍ଟିଫିକେଟର ଅବିକଳ ନକଲ ଓ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବେ ।

ମୂଳ ପ୍ରମାଣ ପତ୍ର ଯାଞ୍ଚ ପରେ ଆବେଦନ କରିଥିବା ପ୍ରାର୍ଥିନୀଙ୍କ ନାମ ତାଲିକା ପ୍ରକାଶ କରାଯିବ ଏବଂ ପ୍ରାର୍ଥିନୀଙ୍କର ସ୍ଥାୟୀବାସିନ୍ଦା, ଶିକ୍ଷାଗତ ଯୋଗ୍ୟତା, ଜାତି ଓ ଅନ୍ୟାନ୍ୟ ଯୋଗ୍ୟତା ସମ୍ବନ୍ଧରେ ଯଦି କୌଣସି ବ୍ୟକ୍ତି ବା ପ୍ରାର୍ଥିନୀଙ୍କର ଅଭିଯୋଗ ଥାଏ,ସେମାନେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅଭିଯୋଗ online ମାଧ୍ୟମ ରେ ଉପରଲିଖିତ ପୋର୍ଟାଲ ରେ ଦାଖଲ କରିପାରିବେ ।

ଉକ୍ତ ପଦବୀ ସଂପୂର୍ଣ୍ଣ ଅସ୍ଥାୟୀ ଅଟେ । ପ୍ରାର୍ଥିନୀ ସଂପୂର୍ଣ୍ଣ ସେଚ୍ଛାସେବୀ ରୂପେ କାର୍ଯ୍ୟ କରିବେ ଓ ସରକାରଙ୍କ ଦ୍ୱାରା ସ୍ଥିରିକୃତ ପ୍ରୋତ୍ସାହନ ଭତ୍ତା ଆକାରରେ ସମୟାନୁକ୍ରମେ ପାରିଶ୍ରମିକ ପାଇବେ ।

11/7/25

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋରଡା
Development Project Officer
Surada, Ganjam

ଅଙ୍ଗନବାଡି କେନ୍ଦ୍ରର ନାମ ଓ ଏହାର ସେବା ପରିସର ଭୁକ୍ତ କେନ୍ଦ୍ରାଞ୍ଚଳର ତାଲିକା ନିମ୍ନରେ ପ୍ରଦତ୍ତ କରାଗଲା

| କ୍ର ସଂଖ୍ୟା | ଗ୍ରାମ ପଞ୍ଚାୟତ | ଆହ୍ୱାନ କରାଯାଇଥିବା ସାହାଯ୍ୟକାରିଣୀ ପଦବୀ ଅନ୍ତର୍ଗତ ଅଙ୍ଗନବାଡି କେନ୍ଦ୍ରର ନାମ | ଗ୍ରାମର ନାମ ଓ ସେବା ପରିସରଭୁକ୍ତ କେନ୍ଦ୍ରାଞ୍ଚଳର ନାମ | କେନ୍ଦ୍ରାଞ୍ଚଳର କେଉଁ ମାନେ ଆବେଦନ କରିପାରିବେ |
|---|---|---|---|---|
| ୧ | ଅସୁରବନ୍ଧ | ଖଣ୍ଡାବାଲି | ଖଣ୍ଡାବାଲି | ଖଣ୍ଡାବାଲି ଅଙ୍ଗନବାଡି କେନ୍ଦ୍ରର ପରିବାର ସର୍ବେକ୍ଷଣ ପଞ୍ଜିକା ଅନୁଯାୟୀ<br>୧। ପ୍ରଥମ ଘର ସଂଖ୍ୟା-୦୦୧ ସୀତାରାମ ମଲିକ ଙ୍କ ଠାରୁ ଆରମ୍ଭ ହୋଇ ଶେଷ ଘର ର ବ୍ୟକ୍ତି ଙ୍କ ଅଲେଖ ନାୟକ (ଘର ସଂଖ୍ୟା-୦୭୯ )ଠାରେ ଶେଷ ହୋଇଛି । |
| ୨ | ସୁରମଣି | ଝାଲିଆଗୋଛା | ଝାଲିଆଗୋଛା | ଝାଲିଆଗୋଛା ଅଙ୍ଗନବାଡି କେନ୍ଦ୍ରର ପରିବାର ସର୍ବେକ୍ଷଣ ପଞ୍ଜିକା ଅନୁଯାୟୀ<br>୧। ପ୍ରଥମ ଘର ସଂଖ୍ୟା-୦୦୧ ରାମ ଚନ୍ଦ୍ର ନାଇକ ଙ୍କ ଠାରୁ ଆରମ୍ଭ ହୋଇ ଶେଷ ଘର ର ବ୍ୟକ୍ତି ଙ୍କ କବିରାଜ ନାଇକ (ଘର ସଂଖ୍ୟା-୦୧୪୮ )ଠାରେ ଶେଷ ହୋଇଛି । |
| ୩ | ମେରିକୋଟ<br>ଏକୀରଡା | ମେରିକୋଟ-୧ | ମେରିକୋଟ | ମେରିକୋଟ-୧ ଅଙ୍ଗନବାଡି କେନ୍ଦ୍ରର ପରିବାର ସର୍ବେକ୍ଷଣ ପଞ୍ଜିକା ଅନୁଯାୟୀ<br>୧। ପାଟଖଣ୍ଡା ସାହି ପ୍ରଥମ ଘର ସଂଖ୍ୟା-୦୦୧ ବାଞ୍ଛା ମଲିକ ଙ୍କ ଠାରୁ ଆରମ୍ଭ ହୋଇ ଶେଷ ଘର ର ବ୍ୟକ୍ତି ଙ୍କ ସନାତନ ସାହୁ (ଘର ସଂଖ୍ୟା-୦୯୯ )ଠାରେ ଶେଷ ହୋଇଛି ।<br>୨। ମହି ସାହି ପ୍ରଥମ ଘର ସଂଖ୍ୟା-୦୦୧ କୋରା ନାୟକ ଙ୍କ ଠାରୁ ଆରମ୍ଭ ହୋଇ ଶେଷ ଘର ର ବ୍ୟକ୍ତି ଙ୍କ ତପୋଇ ବେହେରା (ଘର ସଂଖ୍ୟା-୦୫୮ )ଠାରେ ଶେଷ ହୋଇଛି । |
| ୪ | ମେରିକୋଟ<br>ଜୋରଡା | ଶବରପଲ୍ଲୀ | ଶବରପଲ୍ଲୀ<br>ମେରିକୋଟ | ଶବରପଲ୍ଲୀ ଅଙ୍ଗନବାଡି କେନ୍ଦ୍ରର ପରିବାର ସର୍ବେକ୍ଷଣ ପଞ୍ଜିକା ଅନୁଯାୟୀ<br>୧। ବରକୋବନ୍ଧ ସାହି ପ୍ରଥମ ଘର ସଂଖ୍ୟା-୦୦୧ ରାଘବ ଦଳବେହେରା ଙ୍କ ଠାରୁ ଆରମ୍ଭ ହୋଇ ଶେଷ ଘର ର ବ୍ୟକ୍ତି ଙ୍କ ମୁରଲୀ ପଣ୍ଡା (ଘର ସଂଖ୍ୟା-୦୫୬ )ଠାରେ ଶେଷ ହୋଇଛି ।<br>୨। ପୁଟବାଲି ସାହି ପ୍ରଥମ ଘର ସଂଖ୍ୟା-୦୦୧ ବିଶ୍ୱର ଚନ୍ଦ୍ର ନାୟକ ଙ୍କ ଠାରୁ ଆରମ୍ଭ ହୋଇ ଶେଷ ଘର ର ବ୍ୟକ୍ତି ଙ୍କ ଦିବାକର ନାୟକ (ଘର ସଂଖ୍ୟା-୦୧୫ )ଠାରେ ଶେଷ ହୋଇଛି ।<br>୩। ରାଇପଦା ସାହି ପ୍ରଥମ ଘର ସଂଖ୍ୟା-୦୦୧ ସୁରେନ୍ଦ୍ର ଦଳବେହେରା ଙ୍କ ଠାରୁ ଆରମ୍ଭ ହୋଇ ଶେଷ ଘର ର ବ୍ୟକ୍ତି ଙ୍କ ସୁବାଷ ଦଳବେହେରା (ଘର ସଂଖ୍ୟା-୦୩୦ )ଠାରେ ଶେଷ ହୋଇଛି ।<br>୪। ଶବରପଲ୍ଲୀ ସାହି ପ୍ରଥମ ଘର ସଂଖ୍ୟା-୦୦୧ ସୁମୁଖା ଗମାଙ୍ଗ ଙ୍କ ଠାରୁ ଆରମ୍ଭ ହୋଇ ଶେଷ ଘର ର ବ୍ୟକ୍ତି ଙ୍କ ଆସାଡିଆ ମଣ୍ଡଳ(ଘର ସଂଖ୍ୟା-୦୨୦ )ଠାରେ ଶେଷ ହୋଇଛି । |
| ୫ | ମେ Sasan<br>ଜୋରଡା | କେଶରୀପାଟଣା | ଗୋପୀନାଥପୁର ଶାସନ<br>ଗୋପୀନାଥପୁରଶାସନ | କେଶରୀପାଟଣା ଅଙ୍ଗନବାଡି କେନ୍ଦ୍ରର ପରିବାର ସର୍ବେକ୍ଷଣ ପଞ୍ଜିକା ଅନୁଯାୟୀ<br>୧। ପ୍ରଥମ ଘର ସଂଖ୍ୟା-୦୦୧ ଲକ୍ଷ୍ମଣ ବେହେରା ଙ୍କ ଠାରୁ ଆରମ୍ଭ ହୋଇ ଶେଷ ଘର ର ବ୍ୟକ୍ତି ଙ୍କ ମଦନମୋହନ ପଣ୍ଡା (ଘର ସଂଖ୍ୟା-୧୮୦ )ଠାରେ ଶେଷ ହୋଇଛି । |

| ବିଜ୍ଞାପନ ପ୍ରକାଶ ତାରିଖ | ଦରଖାସ୍ତ ଦାଖଲ ଶେଷ ତାରିଖ | ମୂଳ ପ୍ରମାଣ ପତ୍ର ଯାଞ୍ଚ ତାରିଖ |
|---|---|---|
| ୧୧ /୦୭ /୨୦୨୫ | ୨୬ /୭ /୨୦୨୫ | ତା-୨୮ /୦୭ /୨୦୨୫ ସକାଳ ୧୦ .୦୦ ଘଟିକା ଠାରୁ ଅପରାହ୍ନ ୦୩ .୦୦ ଘଟିକା ମଧ୍ୟରେ |

11/7/25

Child Development Project Officer
Surada, Ganjam

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋରଡା

ପ: ପୃ: ଦେ:

**<u>ଅଙ୍ଗନୱାଡି ସହାୟିକା  ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟତା</u>**

୧. ସେବା କାର୍ଯ୍ୟରେ ଆଗ୍ରହୀଥିବା ଯେ କୌଣସି ବର୍ଗର ମହିଳାମାନେ ଆବେଦନ କରିପାରିବେ ।

୨. ଆବେଦନକାରିଣୀ ସଂପୃକ୍ତ  ଗ୍ରାମର / ନିକଟ ବର୍ତ୍ତୀ ଗ୍ରାମ ର  ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ  ।

୩. ଆବେଦନକାରୀଙ୍କ ବୟସ ତା ୦୧.୦୧.୨୦୨୫  ରିଖ  ସୁଧା ସର୍ବନିମ୍ନ ୧୮ ବୟସ ଏବଂ ସର୍ବାଧିକ ୩୫  ବର୍ଷ ହୋଇଥିବା ଆବଶ୍ୟକ ।

୪. ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ +୨  ପାସ ଅଥବା ଅଥବା ତଦୁର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ।

**<u>ଦରଖାସ୍ତ ସହ ଅବଶ୍ୟକୀୟ ପ୍ରମାଣ ପତ୍ର upload କରିବେ</u>**

୧. ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ଏହି (Residential Certificate)ଏହି ବିଜ୍ଞାପନ ପ୍ରକାଶନ ତାରିଖର ଏକ ବର୍ଷ ମଧ୍ୟରେ ରାଜସ୍ୱ  ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ଅବଶ୍ୟକ ।

୨. ଦଶମ ଶ୍ରେଣୀ ବୋର୍ଡ ସାର୍ଟିଫିକେଟ ଓ  ଦଶମ ଶ୍ରେଣୀ ମାର୍କସିଟର  ର ନକଲ ।

୩ . +୨ ପାସ  ର ସାର୍ଟିଫିକେଟ ଓ   ମାର୍କସିଟର  ର ନକଲ ।

୪. ଯଦି ଆବେଦନକାରୀ ହାୟର ଏଜୁକେଶନ ଥାଏ ତେବେ ତାହାର ପ୍ରମାଣ ପତ୍ର ର ନକଲ ।

୫  . ଯଦି ଆବେଦନକାରୀ ସଂରକ୍ଷିତ  ବର୍ଗର ଅଟନ୍ତି ତେବେ ଜାତିଗତ  ପ୍ରମାଣ ପତ୍ରର  ନକଲ ।

୬  . ଯଦି ଆବେଦନକାରୀ ଭିନ୍ନକ୍ଷମ ବର୍ଗର ଅଟନ୍ତି ତେବେ ତାର ପ୍ରମାଣ ପତ୍ର ନକଲ ।

୭  . ଯଦି ଆବେଦନକାରୀ ସ୍ୱାମୀ ପରିତ୍ୟକ୍ତା ହୋଇଥିବେ ତାହାର ପ୍ରମାଣ ପତ୍ର/ଅଦାଲତ ଆଦେଶନାମା ନକଲ ଦାଖଲ କରିବେ ।
(ସର୍ବନିମ୍ନ ଛଅ ମାସ ମଧ୍ୟରେ ଅଦାଲତରୁ ପାଇଥିବା ଆଦେଶନାମା)

http://engagement-awc.odisha.gov.in website ର public user/public log in ମାଧ୍ୟମରେ ଆବେଦନ କରିପାରିବେ ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋରଡା

ପରିପତ୍ର ସଂଖ୍ୟା 1641 ତା 11.07.25

ଏହାର ଦୁଇକିତା ନକଲ ସମ୍ପୃକ୍ତ  ଅଞ୍ଚଳ  ପରିଦର୍ଶିକା ଇକ୍ତ କେନ୍ଦ୍ରର ମଧ୍ୟ ସ୍ଥାନରେ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ବିଜ୍ଞାପନଟିକୁ  ଟଙ୍ଗାଇ ଦେବା ନିମନ୍ତେ ଦିଆଗଲା ।

Child Development Project Officer
Surada, Ganjam
ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋରଡା

ପରିପତ୍ର ସଂଖ୍ୟା 1642 ତା 11.07.25

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋରଡା /ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ବଡଗଡ/ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସୋରଡା /କ୍ଷେତ୍ରୀୟ  ମହିଳା  ସ୍ୱାସ୍ଥ୍ୟ  କର୍ମୀ / ସମ୍ପୃକ୍ତ ଅଞ୍ଚଳ ଅନ୍ତର୍ଗତ ସରପଞ୍ଚ  ଙ୍କୁ ଅବଗତ ଓ ବହୁଳ ପ୍ରଚାର ନିମନ୍ତେ ନୋଟିସ ବୋର୍ଡରେ ଟାଙ୍ଗିବାକୁ ଅନୁରୋଧ କରି ପ୍ରେରଣ କରାଗଲା ।

Child Development Project Officer
ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋରଡା

ପରିପତ୍ର ସଂଖ୍ୟା 1643 ତା 11.07.25

ଏହାର ଏକକିତା ନକଲ  ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋରଡା ଙ୍କ କାର୍ଯ୍ୟାଳୟଙ୍କ ନୋଟିସ ବୋର୍ଡରେ ଟାଙ୍ଗି ଦିଆଗଲା ।

Child Development Project Officer
Surada, Ganjam
ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋରଡା

ପରିପତ୍ର ସଂଖ୍ୟା 1644 ତା 11.07.25

ଏହାର ଏକକିତା ନକଲ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗଞ୍ଜାମ ଛତ୍ରପୁର/ଉପଜିଲ୍ଲାପାଳ ଭଞ୍ଜନଗରଙ୍କ ଗୋଚରାର୍ଥେ  ପ୍ରେରଣ କରାଗଲା  ।

Child Development Project Officer
ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋରଡା
Surada, Ganjam